# ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ ।

## ବସ ମାଲିକଙ୍କପାଇଁ ବିଶେଷ ସୂଚନା

**ଭୁବନେଶ୍ୱର/କଟକ-ଢେଙ୍କାନାଳ-ବଅରପାଳ-ନାଲ୍କୋନଗର-ଅନୁଗୁଳ/ଏଫସିଆଇ-ତାଳଚେର ମାର୍ଗରେ ଚୁଡାନ୍ତ ସୁବ୍ୟବସ୍ଥାକରଣ ସମୟ ସାରଣୀ(Final Rationalized Timing)**

ଏତଦ୍ଵାରାଭୁବନେଶ୍ୱର/କଟକ-ଢେଙ୍କାନାଳ-ବନରପାଳ-ନାଲ୍କୋନଗର-ଅନୁଗୁଳ/ଏଫସିଆଇ-ଳଚେରମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ,ଉକ୍ତ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନମାନଙ୍କର ପ୍ରଥମ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (1st Draft Rationalized Timing)ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ସମାଜ" ଓ "ସମ୍ବାଦ" ତା୩୦.୦୭.୨୦୧୫ ରିଖରେ ପ୍ରକାଶିତ କରାଯାଇ ଅଭିଯୋଗ ପତ୍ର ଆହ୍ୱାନ କରଯାଇଥିଲା । ପ୍ରାପ୍ତ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକୁ ତର୍ଜମା କରାଯାଇ ଦ୍ୱିତୀୟ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (2nd Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ଧରିତ୍ରୀ" ଓ "ପ୍ରମେୟ"ତା.୧୧.୦୪.୨୦୧୭ ରିଖରେ ପ୍ରକାଶିତ କରଯାଇଥିଲା ।ପ୍ରାପ୍ତ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକୁ ତର୍ଜମା କରାଯାଇ ତୃତୀୟ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (3rd Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ସମାଜ", "ସମ୍ବାଦ" ଓ "ଧରିତ୍ରୀ" ତା. ୦୧.୦୩.୨୦୧୮ରିଖରେ ପ୍ରକାଶିତ କରାଗଲା ।ଉକ୍ତ ପ୍ରକାଶିତ ବିଜ୍ଞାପନକୁ ଆଧାରକରି, ୭୪ ଗୋଟି ଅଭିଯୋଗ ହସ୍ତଗତ ହୋଇଅଛି ।ଅଭିଯୋଗ ତଥା ପ୍ରତିବେଦନଗୁଡିକୁ ବିଚାରକୁ ନିଆଯାଇ ମାନଦଣ୍ଡରେ ପରିବର୍ତନ କରାଯାଇ ଚୁଡାନ୍ତ/ପୂର୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବରକାଗଜ "ସମାଜ, "ସମ୍ବାଦ " ଓ "ଧରିତ୍ରୀରେ ତା.୦୧.୦୬.୨୦୧୮ ରିଖରେ ପ୍ରକାଶିତ କରାଯାଇଥିଲା ଏବଂ ତା୨୫.୦୬.୨୦୧୮ରିଖରେ ଲାଗୁକରାଯିବାପାଇଁ ସ୍ଥିରକରାଯାଇଥିଲା । କିନ୍ତୁ W.P. (C) No. ୧୦୪୬୦/୨୦୧୮ ତା. ୨୨.୦୬.୨୦୧୮ ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ଆଦେଶକ୍ରମେ ପରିବହନ ଆୟୁକ୍ତଙ୍କ ଅଦାଲତରେ ଏକ ମିସକେସ ନମ୍ବର ୪୫/୨୦୧୮, ଜରିଆରେ ତା୦ ୨୫.୦୬.୨୦୧୮ରିଖ ରେ ଶୁଣାଣି କରି ଆଦେଶ ଦିଆଯାଇଥିଲା । ଉକ୍ତ ଆଦେଶେମୁତାବକ ପୂର୍ଣାଙ୍ଗ ସମୟସାରଣୀରେ ସମ୍ଯକ ପରିବର୍ତନ କରାଯାଇ ତାହାକୁ ତା୦ ୦୧.୦୮.୨୦୧୮ରୁ ଲାଗୁକରିବା ପାଇଁ ସ୍ଥିର କରାଯାଇଥିଲା । କିନ୍ତୁ ଗାଡି ମାଲିକମାନଙ୍କର ଅଭିଯୋଗକୁ ଗ୍ରହଣକରି ତା ୧୫.୦୧.୨୦୧୯ ରିଖରେ ବସ ମାଲିକ ସଂଘ ର ପ୍ରତିନିଧି ଙ୍କ ଉପସ୍ଥିତିରେ ପରିବହନ ଆୟୁକ୍ତ ତଥା ଅଧକ୍ଷ୍ୟ ଙ୍କ ତତ୍ତ୍ୱାବଧାନରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ୫୧ ଗୋଟି ବସ ମାଲିକମାନଙ୍କର ଆପତ୍ତି ଅଭିଯୋଗଗୁଡିକୁ ବିଚାରକୁ ନେଇ ଏବଂ ଢେଙ୍କାନାଳ ରେ ରହଣି ସମୟରେ ପରିବର୍ତନ କରାଯାଇ ଏକ ନୂତନ ପରିବର୍ତିତ ସୁବ୍ୟବସ୍ଥାକରଣ ସମୟ ସାରଣୀ ପ୍ରସ୍ତୁତ କରାଗଲା ଯାହାକି ୱେବସାଇଟରେ

(www.odishatransport.gov.in - www.orissatransport.nic.in) ଉପଲବ୍ଧ କରାଗଲା ।

**ଉକ୍ତ ନୂତନ ପରିବର୍ତିତ ସମୟ ସାରଣୀ ତା ୧୬.୦୨.୨୦୧୯ରିଖରେ ଲାଗୁକରାଯିବା ପାଇଁ ସ୍ଥିର କରାଗଲା ।**

ଯେଉଁମାନେ ଅନୁମତି ପତ୍ର/ପର୍ମିଟ ପାଇଛନ୍ତି ସେମାନେ ଯଦି ଚାହିଁବେ ଦିଆଯାଇଥିବା ସମୟକୁ ପରିବର୍ତନ ନିମନ୍ତେ ୩୦ ଦିନ ମଧ୍ୟରେ ଆବେଦନ କଲେ ତାହା ଯୋଗ୍ୟତା ଅନୁଯାୟୀ ବିଚାରକୁ ନିଆଯିବ ।

**ବି.ଦ୍ର** :ଚୂଡାନ୍ତ/ପୂର୍ଣାଙ୍ଗସୁବ୍ୟବସ୍ଥାକରଣ ସମୟ ସାରଣୀ (Rationalized Timing)ରେ ଯଦି କୌଣସି ତ୍ରୁଟି ପରିଲିଖିତ ହୁଏ ତେବେ ସେଗୁଡିକୁ case to case ଭିତିରେ ଶୁଣାଣି ମାଧ୍ୟମରେ ଅଭିଯୋଗ ପ୍ରାପ୍ତହେବାର ୩୦ ଦିନ ମଧ୍ୟରେ ବିଚାର କରାଯିବ ।

ସଂଜୀବ ପଣ୍ଡା ୦୭.୨.୨୦୧୯

**ପରିବହନ ଆୟୁକ୍ତ ତଥା ଅଧକ୍ଷ୍ୟ**

**ଓଡିଶା,କଟକ**